### ବିଜେପି ପ୍ରାର୍ଥୀ ଶତ୍ରୁଘ୍ନ ଜେନାଙ୍କୁ ବିରୋଧ



# ଏକାଠି ହେଲେ ୪୦ ପଞ୍ଚାୟତର ସହସ୍ରାଧିକ ସମର୍ଥକ

**ଢେଙ୍କାନାଳ, ୧୧।୪ (ସମିସ) :** କାମାକ୍ଷାନଗର ବିଧାନସଭା କ୍ଷେତ୍ରରେ ବିଜେପି ପ୍ରାର୍ଥୀ ଶତ୍ରୁଘ୍ନ ଜେନାଙ୍କୁ ବିରୋଧ କରି ଏଠାରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ୪୦ଟି ପଞ୍ଚାୟତର ହଜାରରୁ ଅଧିକ ବିଜେପି କର୍ମୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କାମାକ୍ଷାନଗର ବିଧାନସଭା କ୍ଷେତ୍ରରେ ଦୀର୍ଘ ବର୍ଷ ଧରି ସଂଗଠନ କରିଥିବା ଯୋଗ୍ୟ ପ୍ରାର୍ଥୀ ଦେବଦତ୍ତ ପଟ୍ଟନାୟକଙ୍କୁ ଦଳ ଟିକେଟ ନଦେଇ ଅନ୍ୟ ଜଣଙ୍କୁ ପ୍ରାର୍ଥୀ କରିଥିବା ଯୋଗୁଁ ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ଏକ ହଜାରରୁ ଅଧିକ କର୍ମୀ କାମାକ୍ଷାନଗର କନ୍ତାରିପାଟ ନିକଟରେ ଏକତ୍ରିତ ହୋଇ ଆଶାୟୀ ପ୍ରାର୍ଥୀ ଥିବା ଦେବଦତ୍ତ ପଟ୍ଟନାୟକଙ୍କ ସହ ଆଲୋଚନା କରିଛନ୍ତି। ଖୁବଶୀଘ୍ର ଦଳ ଏହା ଉପରେ ପୁନର୍ବିଚାର କରିବାକୁ ଦାବି ମଧ୍ୟ ଜଣାଇଛନ୍ତି। ଦେବଦତ୍ତ ପଟ୍ଟନାୟକଙ୍କୁ ଦଳ ପ୍ରାର୍ଥୀ କଲେ କାମାକ୍ଷାନଗରରେ ବିଜେପିର ବିଜୟ ସୁନିଶ୍ଚିତ ହେବ ବୋଲି କହିଛନ୍ତି କର୍ମୀ। ନଚେତ ଆଗାମୀ ଦିନରେ କାମାକ୍ଷାନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାୟ ୧୦ ହଜାରରୁ ଅଧିକ ବିଜେପି କର୍ମୀ ତଥା ଭୋଟର ଏକତ୍ରିତ ହୋଇ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ଦେବଦତ୍ତଙ୍କ ପାଇଁ ଶକ୍ତି ପ୍ରଦର୍ଶନ କରିବେ ବୋଲି ଖୋଲାଖୋଲି କହିଛନ୍ତି। ଦଳ ଯଦି ପୁନର୍ବିଚାର କରି ଟିକେଟ ଦିଏ, ତେବେ କାମାକ୍ଷାନଗରରେ ବିଜେପି ପ୍ରାର୍ଥୀ ବିଜୟ ହାସଲ କରିବ ବୋଲି ଆଶାୟୀ ପ୍ରାର୍ଥୀ ଦେବଦତ୍ତ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି।

## କାମାକ୍ଷାନଗରରେ ଇଦ୍ ପାଳିତ



**କାମାକ୍ଷାନଗର, ୧୧।୪ (ସମିସ) :** କାମାକ୍ଷାନଗର ସହରରେ ଥିବା ତରୁଣ ବଜାରସ୍ଥିତ ପୁରୁଣା ମସଜିଦ ଓ ଅନନ୍ତପୁରରେ ଥିବା ସୁନିଜମାତ୍ ମସଜିଦରେ କାମାକ୍ଷାନଗର ଅଞ୍ଚଳରେ ବସବାସ କରୁଥିବା ସମସ୍ତ ଭାଇ ଓ ଭଉଣୀ ରାମଜାନ ମାସର ଶେଷ ଦିନରେ ଇଦ ପର୍ବ ପାଳନ କରିଛନ୍ତି। କାମାକ୍ଷାନଗର ପୁରୁଣା ମସଜିଦ ସଂଗଠନର ସଭାପତି ଅର୍ସାଦ ମହମ୍ମଦଙ୍କ ଆୟୋଜନ କ୍ରମେ ଦୁଇଶହରୁ ଊର୍ଦ୍ଧ୍ୱ ବିଭିନ୍ନ ମୁସଲିମ ସମ୍ପ୍ରଦାୟର ଭାଇମାନେ ଏକାଠି ହୋଇ ନମାଜ ପାଠ କରିବା ସହ ଭାତୃତ୍ୱକୁ ବଜାୟ ରଖିବା ପାଇଁ ସମସ୍ତଙ୍କ ମଙ୍ଗଳ କାମନା କରି ଆଲ୍ଲାଙ୍କ ନିକଟରେ ସମୂହ ପ୍ରାଥନା କରିଥିଲେ। ସମସ୍ତଙ୍କୁ ଇଦ ମୁବାରକ ଜଣାଇଥିଲେ। ସେହିପରି କାମାକ୍ଷାନଗର ଅନନ୍ତ ପୁରରେ ଥିବା ସୁନିଜମାତ୍ ମସଜିଦରେ ମୌଲାବି ଏମଡି ସଲିମ, ସଭାପତି ମିର୍ଜା ସୁଲେମାନ ବେଗ, ମିର୍ଜା ଇସଲାମ ବେଗ, ରେହେମଦ ଖାନ, ଏ ସ କେ ନଇଁମ, କଶୁର ଅଲ୍ଲୀ, ନିର୍ଯ୍ୟା ଅଫରନ ବେଗ, ଅତର ଖାନ, ପ୍ରମୁଖ ଦେଢ଼ ଶହରୁ ଊର୍ଦ୍ଧ୍ୱ ମୁସଲିମ ଭାଇ ଉପସ୍ଥିତ ଥିଲେ।

## କାମାକ୍ଷାନଗର ଷ୍ଟ୍ରଙ୍ଗ୍‌ରୁମକୁ ଆସିଲା ଇଭିଏମ୍



**କାମାକ୍ଷାନଗର, ୧୧।୪ (ସମିସ) :** ଆଗାମୀ ନିର୍ବାଚନ ପରିପ୍ରେକ୍ଷୀର କାମାକ୍ଷାନଗର ଓ ପରଜଙ୍ଗ ନିର୍ବାଚନ ମଣ୍ଡଳ ପାଇଁ କାମାକ୍ଷାନଗର ମହାବିଦ୍ୟାଳୟ ପରିସର ମଧ୍ୟରେ ଥିବା ଷ୍ଟ୍ରଙ୍ଗ ରୁମକୁ ଇଭିଏମ୍ ସହିତ ଅନ୍ୟାନ୍ୟ ସାମଗ୍ରୀ ପହଞ୍ଚିଛି। ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ପ୍ରତ୍ୟକ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଗାଡ଼ି ଓ ବ୍ୟାପକ ସୁରକ୍ଷା ବଳ ମଧ୍ୟରେ ଏଡିଏମ୍ ଅନିତା ପାତ୍ର, ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ, ତହସିଲଦାର ପ୍ରିୟବ୍ରତ ମହାନ୍ତି, ସହକାରୀ ଉପଜିଲ୍ଲାପାଳ ଦୀପକ କୁମାର ମିଶ୍ର ପ୍ରମୁଖ ଅନ୍ୟ କର୍ମଚାରୀଙ୍କ ସହାୟତାରେ ସୁରକ୍ଷିତ ଭାବରେ ଇଭିଏମ୍କୁ ସ୍ଥାନାନ୍ତରିତ କରାଯାଇଛି। ଏଥିରେ କାମାକ୍ଷାନଗର ୫୭ ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ ପାଇଁ ୨୪୨ ଓ ପରଜଙ୍ଗ ନିର୍ବାଚନ ମଣ୍ଡଳୀ ୫୮ ପାଇଁ ୨୩୬ ଟି ଇଭିଏମ୍ ଓ ଆନୁସଙ୍ଗିକ ଯନ୍ତ୍ରାଶ ପହଞ୍ଚିବା ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି। ଇଭିଏମ ଷ୍ଟ୍ରଙ୍ଗ ରୁମ୍କୁ ଯିବା ପୂର୍ବରୁ ପ୍ରତିନିଧି ହିସାବରେ ଧର୍ମାନନ୍ଦ ପରିଡ଼ା, ବିଜେପିର ପ୍ରତିନିଧି ସୂର୍ଯ୍ୟକାନ୍ତ ବିଶ୍ୱାଳ, କଂଗ୍ରେସ ପକ୍ଷରୁ ବିଜୟାନନ୍ଦ ପଣ୍ଡା ଓ ଆମ୍ ଆଦମୀ ପାର୍ଟି ପକ୍ଷରୁ ସୁବୋଧ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କଳାହାଣ୍ଡି କପ୍ କ୍ରିକେଟ; ଅନୁଗୋଳ ବିଜୟୀ

**ଅନୁଗୋଳ, ୧୧।୪(ସମିସ):** କଟକ ଡ୍ରିମ୍ସ ଇଞ୍ଜିନିୟରିଂ ପଡ଼ିଆରେ ଆୟୋଜିତ କଳାହାଣ୍ଡି କପ୍ କ୍ରିକେଟର ଆଜିର ମ୍ୟାଚରେ ଅନୁଗୋଳ ପ୍ରତିପକ୍ଷ ପାରାଦୀପକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଛି। ପାରାଦୀପ ପ୍ରଥମେ ବ୍ୟାଟିଂ କରି ୩୦ ଓଭରରେ ସମସ୍ତ ୱିକେଟ ହରାଇ ୧୨୩ ରନ କରିଥିଲା। ପରେ ଅନୁଗୋଳ ବ୍ୟାଟିଂ ଆରମ୍ଭ କରି ମାତ୍ର ୧୪.୧ ଓଭରରେ ଗୋଟିଏ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା। କ୍ୟାପଟେନ ଟୁକୁନା ସାହୁ ୬୯ ରନ କରିଥିଲେ। ସେ ଚାରୋଟି ଚୌକା ସହିତ ଆଠଟି ଛକା ମାରି ଦଳକୁ ବିଜୟୀ କରିଥିଲେ।

■ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ତୋଷାରପାତ

## ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ ଗିରଫ

**ଢେଙ୍କାନାଳ, ୧୧।୪ (ସମିସ) :** ସ୍ଥାନୀୟ ସାକ୍ଲିନ ନାମକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଶାଖା ପରିଚାଳକ ଏବଂ ଏଜେଣ୍ଟ କେତେକ ଗ୍ରାହକଙ୍କ ଲକ୍ଷାଧିକ ଟଙ୍କା ତୋଷାରପାତ କରିଥିବା ଅଭିଯୋଗରେ ଗିରଫ ହୋଇଥିବର ଜଣାପଡ଼ିଛି। ସାକ୍ଲିନ ନାମକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଏଠାରେ ଏକ ଶାଖା ଖୋଲି କେତେକ ଗ୍ରାହକଙ୍କୁ ଋଣ ଆକାରରେ ଟଙ୍କା ପ୍ରଦାନ କରିଥିଲେ। ଏହି ଋଣ ଟଙ୍କା ଅସୁଲ କରିବା ପାଇଁ ଏଜେଣ୍ଟ ମୋନାଲିସା ସେଠୀ ନାମକ ଜନୈକା ମହିଳା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ମୋନାଲିସା ଗ୍ରାହକମାନଙ୍କଠାରୁ ଅସୁଲ କରିଥିବା ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ତୋଷାରପାତ କରିଥିବା ଜଣାପଡ଼ିବା ପରେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ରିଜିଓନାଲ ମ୍ୟାନେଜର ଏ ସଂକ୍ରାନ୍ତରେ ଏକ ଲିଖିତ ଅଭିଯୋଗ କରିଥିଲେ। ଟାଉନ ଥାନା ଏନେଇ ୮୭/୨୪ ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ମୋନାଲିସାକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମୋନାଲିସାର ଘର କଟକ ଜିଲ୍ଲାର ବଡ଼ମ୍ବା ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଏହି ଘଟଣାରେ ଶାଖା ପରିଚାଳକ ଫେରାର ରହିଥିବା ପୁଲିସ ସୂତ୍ରରୁ ପ୍ରକାଶ।

### ଢେଙ୍କାନାଳରେ ଇଦ୍ ପାଳିତ

## ସମୂହ ପ୍ରାର୍ଥନାରେ ଶତାଧିକ ଯୋଗଦେଲେ



**ଢେଙ୍କାନାଳ, ୧୧।୪ (ସମିସ) :** ସ୍ଥାନୀୟ ମୀନା ବଜାର ସ୍ଥିତ ଜାମା ମସଜିଦରେ ଇଦ୍-ଉଲ୍-ଫିତର୍ ବହୁ ଆଡ଼ମ୍ବର ସହକାରେ ପାଳନ ହୋଇଯାଇଛି। ଦୀର୍ଘ ଏକ ମାସରୁ ମୁସଲିମ ସମ୍ପ୍ରଦାୟର ଭାଇଭଉଣୀମାନେ ରମଜାନ ମାସରେ ଉପବାସ ରୋଜା ପାଳନ କରିଥିଲେ। ଗତକାଲି ରମଜାନ ମାସର ସମାପ୍ତି ପରେ ଆଜି ଇଦ୍ ପର୍ବ ପାଳନ କରିଛନ୍ତି। ସକାଳ ୯ ଘଣ୍ଟା ସମୟରେ ଜାମା ମସଜିଦରେ ସମୂହ ନମାଜ ପାଠ କରାଯାଇଥିଲା। ଜାମା ମସଜିଦର ଇମାମ୍ ମୌଲାନା ଜନାବ୍ ମୁଦାସ୍ସିର୍ ସାହାବ୍ ନମାଜ ପାଠ କରାଇଥିଲେ। ସମସ୍ତ ବିଶ୍ୱ ରେ ଶାନ୍ତି ପ୍ରତିଷ୍ଠା ଓ ଭାଇଚାରା ପ୍ରତିଷ୍ଠା ନିମନ୍ତେ ପ୍ରାର୍ଥନା ଓ ଦୁଆ କରାଯାଇଥିଲା। ନମାଜ୍ ଶେଷରେ ପ୍ରତ୍ୟେକ ବ୍ୟକ୍ତି ପରସ୍ପରକୁ ଆଲିଙ୍ଗନ ଓ କରମର୍ଦ୍ଦନ କରି ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ। ପ୍ରାର୍ଥନା ସଭାରେ ସହରର ସମସ୍ତ ମୁସଲିମ ଭାଇମାନଙ୍କ ସହିତ ଜାମା ମସଜିଦ ପରିଚାଳନା କମିଟିର ସଭାପତି ସମଦ୍ ବେଗ୍, ଉପ-ସଭାପତି ହାଜି ମହମ୍ମଦ୍ ଅଫଜଲ୍, ସମ୍ପାଦକ ଜନାବ୍ ହସରତ୍ ହୁସେନ୍, ଉପ-ସମ୍ପାଦକ ‚ ନୁରୁଲ୍ ଇସଲାମ୍, ହାଜୀ ଆବିଦ୍ ସାହାବ୍, ମୁନିର୍ ବେଗ୍ ସାହାବ୍, ସଫିର୍ ଅଲ୍ଲୀ ସାହାବ୍, ହାଜି ଅମଜାଦ ସାହାବ୍, ହାଜି ସରୱର୍ ସାହାବ୍, ଅନହାର୍ ଅଲ୍ଲୀ, ରହେବର୍ ଅଲ୍ଲୀ, ୱାସିମ୍ ବେଗ୍, ମିର୍ଜା ମୁନିବ୍ ବେଗ୍, ଆର୍ଜୁ ହୁସେନ, ନୁରୁଲ୍ ମୁସତକିମ୍, ନୁରୁଲ୍ ମୁର୍ସଲିନ୍, ହାଫିଜ୍ ଜାକିର୍ ସାହାବ୍, ହାଫିଜ୍ ଅବରାର୍ ସାହାବ୍, ହାଫିଜ୍ ଅହେମଦ୍ ସାହାବ୍ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାର୍ଥନା ସଭାରେ ସ୍ଥାନୀୟ ବିଧାୟକ ସୁଧୀର ସାମଲ ଯୋଗଦେଇ ସମସ୍ତ ମୁସଲମାନଭାଇ ମାନଙ୍କୁ ଶୁଭକାମନା ଜଣାଇଥିଲେ। ସେହିପରି ଗୁଡିଆନାଳିରେ ଥିବା ମସଜିଦ୍ ଏ ଆଜମ୍ ଓ ମୋତି ମସଜିଦରେ ସମୂହ ପ୍ରାର୍ଥନା କରାଯାଇଥିଲା।

### ଓଷ୍ଟାର କାର୍ଯ୍ୟକାରିଣୀ ବୈଠକ

## ବରିଷ୍ଠ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



**ଢେଙ୍କାନାଳ, ୧୧।୪ (ସମିସ) :** ଢେଙ୍କାନାଳ ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ (ଓଷ୍ଟା) ର ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ପ୍ରାରମ୍ଭରେ ବିଦ୍ୟାଳୟ ଜିଲ୍ଲା ରାଜ୍ୟ ତଥା ରାଷ୍ଟ୍ରର ମହାନ୍ ଆତ୍ମାଙ୍କର ସଦ୍ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲା ସମ୍ପାଦକ ବିଭୂତି ସାମଲ ସଂଘର ସଭ୍ୟଚାନ୍ଦା, କାମାକ୍ଷାନଗର ବ୍ଲକ, ପର୍ଜଙ୍ଗ ଏବଂ ହିନ୍ଦୋଳ ବ୍ଲକର କମିଟି ଗୁଡିକର ଅବଧିପୂର୍ଣ୍ଣ ହୋଇଯିବା, ଗତ ରାଜ୍ୟସ୍ତରୀୟ ଆନ୍ଦୋଳନ ସମ୍ପର୍କରେ ତଥା ରାଜ୍ୟ ସଂଘର ଅନୁଦାନରେ ଗାଧୁଆ ଘର ଏବଂ ପାଇଖାନା ନିର୍ମାଣ ସମ୍ପର୍କରେ ବିଷଦ ତଥ୍ୟ ସଭାରେ ଉପସ୍ଥାପନ କରିଥିଲେ। ଗୌରଚନ୍ଦ୍ର ବିଶ୍ୱାଳ ସଦାନନ୍ଦ ସାହୁ, ପ୍ରଶାନ୍ତ କୁମାର ଧଳ, ସନ୍ତୋଷ କୁମାର ପାଣିଗ୍ରାହୀ ଏବଂ ସରୋଜକାନ୍ତ ଦାଶ, ବରିଷ୍ଠ କର୍ମକର୍ତା ଗଣ ବୃତିଗତରୁ ଅବସର ନେଇ ଯାଇଥିବାରୁ ଜିଲ୍ଲା ଓଷ୍ଟା ସଂଘ ମହୋଦୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲା। ଜିଲ୍ଲା ସଂଘକୁ ସୁଦୃଢ କରିବା ତଥା ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟାବଳୀ ସମ୍ପର୍କରେ ରାଜ୍ୟ ସଂଘର ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ପୀତାମ୍ବର ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀରାମ ରାଉତ, ବିନୋଦ କୁମାର ସ୍ୱାଇଁ ପ୍ରମୁଖ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ଯୁଗ୍ମ ସମ୍ପାଦକ ସୁବାଷ ଚନ୍ଦ୍ର ସାହୁ ସଂଯୋଜନା କରିଥିଲେ। ଜିଲ୍ଲାର ସମସ୍ତ ବ୍ଲକର ସମ୍ପାଦକ ତଥା ଜିଲ୍ଲା କମିଟିର ସଦସ୍ୟ ଗଣ ଉପସ୍ଥିତ ଥିଲେ। ସର୍ବ ଶେଷରେ ପୀତାମ୍ବର ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

## ଦାଣ୍ଡିମାଳ ଷ୍ଟେସନ ରୋଡ୍‌ରେ ୪୨ ହାତୀ

**ଢେଙ୍କାନାଳ, ୧୧।୪ (ସମିସ) :** ଢେଙ୍କାନାଳ ବନଖଣ୍ଡର ସଦର ରେଞ୍ଜ ଗଦାଶିଳା ଫରେଷ୍ଟ ସେକ୍ସନ ସିମିନଇ ସଦାଶିବପୁର ରାସ୍ତାରେ ହାତୀ ପଲଙ୍କ

- ଅଟକିଲା ପୁରୀ-ଅନୁଗୋଳ ମେମୁ ଟ୍ରେନ୍
- ଯାତ୍ରୀ ହନ୍ତସନ୍ତ, ବନ ବିଭାଗର ସୂଚନା ପ୍ରଦାନରେ ବିଳମ୍ବ

ଯୋଗୁ ଯାତାୟାତ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇପଡ଼ିଛି। ଗଦାଶିଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଦାଶିବପୁର-ସିମିନଇ ରାସ୍ତା ଦେଇ ଗୁରୁବାର ହଠାତ୍ ୪୨ଟି ହାତୀ ରାସ୍ତା ଉପରକୁ ଚାଲିଆସିଥିଲେ। ହାତୀଗୁଡିକ ରାସ୍ତାରେ ରହିଥିବା ଯୋଗୁ ଯାତାୟାତ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇପଡ଼ିଛି। ବନବିଭାଗ କର୍ମଚାରୀମାନେ ଉପସ୍ଥିତ ରହି ଉଭୟ ପାର୍ଶ୍ୱକୁ ବନ୍ଦ କରିଥିବା ବେଳେ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ହାତୀଙ୍କ ଯୋଗୁ ପୁରୀ-ଅନୁଗୋଳ ମେମୁରେ ଭୁବନେଶ୍ୱର ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ଆସୁଥିବା ଯାତ୍ରୀମାନେ ଷ୍ଟେସନରେ ଅଟକି ରହିଛନ୍ତି। ହାତୀ ପଲଙ୍କୁ ଘଉଡ଼ାଇବା ପରେ ସେହି ରାସ୍ତାଦେଇ ଯାତାୟାତ ସମ୍ଭବ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ହାତୀମାନେ ସଦାଶିବପୁର, ବାରଦା, ଭୋଜଦେଇପୁର ଏବଂ ଷ୍ଟେସନକୁ ଯାତାୟାତ ପାଇଁ ଏହି ରାସ୍ତା ସବୁଦିନିଆ ରାସ୍ତା ହୋଇଥିବା ବେଳେ ହାତୀଙ୍କ ଉପସ୍ଥିତି ନେଇ ବନ ବିଭାଗ କୌଣସି ପୂର୍ବ ସୂଚନା କିମ୍ବା ସାଇରନ ଦ୍ୱାରା ଲୋକଙ୍କୁ ସଚେତନ କରୁ ନଥିବାରୁ ଅସନ୍ତୋଷ ଦେଖାଦେଇଛି।

# ରାଜ୍ୟର ପ୍ରଥମ ଜନଔଷଧି କେନ୍ଦ୍ରରେ ମିଳୁନି ଔଷଧ

**ଢେଙ୍କାନାଳ, ୧୧।୪ (ସମିସ) :** ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରାଜ୍ୟର ପ୍ରଥମ ଜନଔଷଧି କେନ୍ଦ୍ରରେ ବହୁ ଜରୁରୀ ଔଷଧ ମିଳୁ ନଥିବା ଜଣାପଡ଼ିଛି। ଏବେ ଗାଁ ଠୁ ସହର ସବୁଠାରେ କେନ୍ଦ୍ର ସରକାର ଜନଔଷଧି ଦୋକାନ ଖୋଲିବାରେ ଲାଗିଛନ୍ତି। କିନ୍ତୁ ଜରୁରୀ ଔଷଧ ଯୋଗାଣ ଠିକ୍ ସମୟରେ ହେଉ ନଥିବା ଯୋଗୁଁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ସରକାରଙ୍କ ତରଫରୁ ୨୩୦ ପ୍ରକାର ଔଷଧରୁ ବହୁ ଔଷଧ ଉପଲବ୍ଧ ହେଉ ନଥିବା ବେଳେ ଜୀବନ ରକ୍ଷାକାରୀ ଔଷଧ ମିଳୁ ନଥିବାରୁ ଗରିବ ଲୋକଙ୍କ ଠାରୁ ଆରମ୍ଭ କରି ସମସ୍ତ ଜନସାଧାରଣ ଘରୋଇ ଔଷଧ ବ୍ୟବସାୟୀଙ୍କ ଦ୍ୱାରା ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ସେହିପରି ଗୋଟିଏ ଦୋକାନରେ ଘରୋଇ ଏବଂ ସରକାରୀ ଜନଔଷଧି କେନ୍ଦ୍ର ଖୋଲାଯାଉଥିବାରୁ ବ୍ୟବସାୟୀମାନେ ଜାଣି ଜାଣି ସରକାରଙ୍କ ଔଷଧ ରଖୁ ନଥିବା ଅଭିଯୋଗ ହୋଇଛି।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୦୧୦ ମସିହା ମାର୍ଚ୍ଚ ୨୫ ତାରଖରେ ରାଜ୍ୟର ପ୍ରଥମ ଜନଔଷଧୀ କେନ୍ଦ୍ର ଖୋଲାଯାଇଥିଲା। ପ୍ରତ୍ୟେକ ଦିନ ଚିକିତ୍ସାଳୟକୁ ଆସୁଥିବା ଶହ ଶହ ରୋଗୀଙ୍କୁ କମ୍ ମୂଲ୍ୟରେ ଔଷଧ ଯୋଗାଇଦେବା ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗରେ ବିଭିନ୍ନ ଔଷଧ କମ୍ପାନୀ ସହି ବୁଝାମଣା କରାଯାଇ ଔଷଧ ଯୋଗାଣ ହେଉଥିଲା। ସେଥିମଧ୍ୟରୁ ହିନ୍ଦୁସ୍ଥାନ ଆଣ୍ଟିବାଓଟିକ୍, କର୍ଣ୍ଣାଟକ ଆଣ୍ଟିବାଇଟିକ୍, ବେଙ୍ଗଲ କେମିକାଲସ୍, ରାଜସ୍ଥାନ ଡ୍ରଗ୍ସ ପ୍ରାଇଭେଟ ଲିମିଟେଡ,

- ନିଜସ୍ୱ ଗୋଦାମ ଗୃହ ମଧ୍ୟ ନାହିଁ
- ୨୩୦ ପ୍ରକାର ଔଷଧରୁ ଅନେକ ମିଳୁନି

ଇଣ୍ଡିଆନ ଡ୍ରଗସ ପ୍ରାଇଭେଟ ଲିମିଟେଡ୍ ପ୍ରମୁଖ ସରକାରଙ୍କ ସହିତ ଚୁକ୍ତି କରି ଔଷଧ ଯୋଗାଇ ଦେଉଥିଲେ। ବାର୍ଷିକ ପ୍ରାୟ ୩୦ ଲକ୍ଷ ଟଙ୍କାରୁ ଅଧିକ କାରବାର ଲକ୍ଷ୍ୟ ରହିଥିବା ବେଳେ ୨୩୦ ଔଷଧ ମଧ୍ୟରୁ ବହୁ ସଂଖ୍ୟକ ଔଷଧ ଉପଲବ୍ଧ ହେଉ ନଥିବା ଜଣାପଡ଼ିଛି। ଏବେ ଔଷଧ ମିଳୁ ନଥିବା ବେଳେ ଦୀର୍ଘ ଦିନହେବ ଔଷଧ ଯୋଗାଣରେ ଅନିୟମିତତା ଦେଖିବାକୁ ମିଳିଛି। ଡେକ୍ସିମେଥାପେନ ଲାଇକୋପେନ ମଲଟିଭିଟାମିନ ସିରପ୍, ବେଟାହିଷ୍ଟେମି, ନେଭିଭୋଭୋଲ, ମଲ୍ଟିଭିଟାମିନ ଡ୍ରପ, ଏସିକୋଫେନାକ, ଆଣ୍ଟିକୋଲଡ୍ ଟାବଲେଟ, ଇନସୁଲିନ ଇଞ୍ଜେକସନ, ଗ୍ଲିମି ପ୍ରାଇଡ୍ ଟାବଲେଟ, ଫ୍ଲୁକୋଜୋନୋଲ ୧୫୦ ଏମଜି, ବିସିଜି କ୍ରିମ, ଟାବଲେଟ ଇଫ୍ଲୋକସିନ, ଡିକ୍ଲୋଫେନାକ, ବେଟାହିଷ୍ଟାନୀ ଭଳି ପ୍ରାୟ ବହୁ ଔଷଧ ବିଭାଗର ନାହିଁ। ବହୁ ଜୀବନ ରକ୍ଷାକାରୀ ଔଷଧ ମଧ୍ୟ ଏଠାରେ ମିଳୁ ନଥିବା ଜଣାପଡ଼ିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦୈନିକ ଶହ ଶହ ରୋଗୀ ଆସୁଥିବା ବେଳେ ସେମାନେ ଜନଔଷଧି କେନ୍ଦ୍ରରୁ ଔଷଧ ମିଳୁ ନଥିବାରୁ ନିରାଶ ହୋଇ ଫେରୁଥିବା ଜଣାପଡ଼ିଛି। ସେମାନେ ବାଧହୋଇ ଘରୋଇ ଔଷଧ ଦୋକାନରୁ ଅଧିକ ଦାମ ଦେଇ ଔଷଧକ୍ରୟ କରୁଥିବା ବେଳେ ଏହାର ସୁଯୋଗ ନେଇ ଦୋକାନୀମାନେ ଶୋଷଣ କରୁଥିବା ଜଣାପଡ଼ିଛି। କେନ୍ଦ୍ର ସରକାର ବ୍ୟାପକ ପ୍ରଚାର ପ୍ରସାର କରୁଥିଲେ ମଧ୍ୟ ବାସ୍ତବରେ ଔଷଧ ମିଳୁ ନଥିବା ଜଣାପଡ଼ିଛି। ନାମକୁ ମାତ୍ର ଜନଔଷଧି କେନ୍ଦ୍ର ଖୋଲାଯାଇଥିବା ବେଳେ ବର୍ଷ ବର୍ଷ ଧରି ଔଷଧ ମିଳୁନାହିଁ ଦିନକୁ ଦିନ ସରକାର ଗାଁ ଗାଁରେ ଜନଔଷଧି କେନ୍ଦ୍ର ଖୋଲୁଥିବା ବେଳେ ଔଷଧ ଯୋଗାଣ କରିବାରେ ବିଫଳ ହେଉଛନ୍ତି। ଏହି ଜନଔଷଧୀ କେନ୍ଦ୍ରର ନିଜସ୍ୱ ଗୋଦାମ ଗୃହ ନଥିବା ଯୋଗୁଁ ଜିଲ୍ଲା ବାହାରୁ ଯୋଗାଣ ହେଉଥିବା ଔଷଧ ଠିକ୍ ସମୟରେ ପହଞ୍ଚି ପାରୁ ନଥିବା ଜଣାପଡ଼ିଛି।

